## ବିଜେପି ଖାତାକୁ ଗଲା କେନ୍ଦୁଝର ଲୋକସଭା ଆସନ

# ତିନି ତିନି ବାଣ୍ଟିନେଲେ ବିଜେପି-ବିଜେଡି

**କେନ୍ଦୁଝର,୪।୬(ସମିସ)**

ସାଧାରଣ ନିର୍ବାଚନର ଫଳାଫଳ ଜିଲ୍ଲାବାସୀଙ୍କୁ ଚକିତ କରିଦେଇଥିବା ବେଳେ କେନ୍ଦୁଝର ଲୋକସଭା ଆସନ ସମେତ କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ବିଧାନସଭାରେ ବିଜେପି ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଚମ୍ପୁଆ, ଘସିପୁରା ଏବଂ ଆନନ୍ଦପୁର ବିଧାନସଭା ଆସନକୁ ସୁରକ୍ଷିତ ରଖିବାରେ ବିଜେଡି ସଫଳ ହୋଇଛି। ମଙ୍ଗଳବାର ସକାଳ ଆଠଟାରୁ କେନ୍ଦୁଝର ଓ ତେଲକୋଇ ନିର୍ବାଚନ ମଣ୍ଡଳୀ ନିମନ୍ତେ କେନ୍ଦୁଝର ଖଣିଯାନ୍ତ୍ରିକ ବିଦ୍ୟାଳୟରେ, ଚମ୍ପୁଆ ଓ ପାଟଣା ନିମନ୍ତେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆରେ, ଘଷିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କନକ ମଞ୍ଜରୀ ମହାବିଦ୍ୟାଳୟରେ ଗଣତି ହୋଇଥିଲା। ପ୍ରଥମେ ସମସ୍ତ କେନ୍ଦ୍ରରେ ପୋଷ୍ଟାଲ ବାଲଟ ଗଣତି କରାଯାଇଥିଲା। ପୋଷ୍ଟାଲ ବାଲଟ ଗଣତି ପରେ ଜିଲ୍ଲାରେ ଏକ ଭିନ୍ନ ମାହୋଲ ପରିଲକ୍ଷିତ ହୋଇଥିଲା। ପ୍ରଥମରୁ ହିଁ ବିଜେପିର ଲୋକସଭା ପ୍ରାର୍ଥୀ ଆଗୁଆ ହୋଇଥିବା ବେଳେ ପାଟଣା, ତେଲକୋଇ ଓ ସଦର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଗଣତିରେ ଆଗେଇ ଚାଲିଥିଲେ। କେବଳ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୧୨ଟି ଟେବୁଲରେ ଗଣତି ହୋଇଥିଲା। କିନ୍ତୁ ଅନ୍ୟାନ୍ୟ





### ● ସଦର, ପାଟଣା, ତେଲକୋଇରେ ବିଜେପି
### ● ବିଜେଡି ଭାଗରେ ଚମ୍ପୁଆ, ଘସିପୁରା ଓ ଆନନ୍ଦପୁର

ସମସ୍ତ ୫ ଗୋଟି ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ନିମନ୍ତେ ୧୪ ଲେଖାଏଁ ଟେବୁଲ କରାଯାଇ ଗଣତି ହୋଇଥିଲା। ଗଣତି ଶେଷ ବେଳକୁ ଲୋକସଭା ବିଜେପି ପ୍ରାର୍ଥୀ ଅନନ୍ତ ନାୟକ ଲକ୍ଷାଧିକ ଭୋଟରରେ ବିଜୟୀ ହୋଇଥିଲେ। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଅଖିଳ ନାୟକ ବିଜୁ ଜନତା ଦଳର ଜଗନ୍ନାଥ ନାୟକଙ୍କ ଠାରୁ ୩୭ ହଜାର ୫୪୩ ଭୋଟ ଆଗରେ ରହି ବିଜୟୀ ହୋଇଥିଲେ। କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ମଧ ଭାଜପାର ଭେଟେରାନ ନେତା ଭାବେ ଜଣା ମୋହନ ଚରଣ ମାଝୀ ୮୭୮୧୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜୁ ଜନତା ଦଳର ମୀନା ମାଝୀ ୭୬୨୩୮ ଭୋଟ ପାଇଥିଲେ। ଏଠାରେ ମୋହନ ମୀନା ମାଝୀଙ୍କ ୧୧୫୭୭ ଭୋଟରେ ପରାସ୍ତକରି ବିଜୟୀ ହୋଇଛନ୍ତି। କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ଅନ୍ୟ ପ୍ରାର୍ଥୀ ମାନଙ୍କ ମଧରେ କଂଗ୍ରେସର ପ୍ରତିଭା ମଞ୍ଜରୀ ନାଏକ ୧୧୯୦୪ ଖଣ୍ଡ, ସ୍ୱାଧୀନ ସସ୍ମିତାରାଣୀ ସିଂଙ୍କୁ ୨୬୧୪ ଖଣ୍ଡ, ଜୀବନସିଂ ମୁଣ୍ଡାଙ୍କୁ ୧୨୦୪ ଖଣ୍ଡ ଭୋଟ ମିଳିଥିଲା। ସେହିପରି ରାମପ୍ରସାଦ ହେମ୍ବ୍ରମ ୯୨୧, ଗୋଲାପ ଜୁଆଙ୍ଗ ୮୪୪, ଜୟକୃଷ୍ଣ ନାଏକ ୭୧୪, ଝରଣା ନାଏକ ୫୫୯, ରାଜକିଶୋର ମୁଣ୍ଡା ୭୧୯ ଓ ନୋଟାରେ ୩୧୨୦ ଖଣ୍ଡ ଭୋଟ ମିଳିଛି।

ସେପଟେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜେପିର ଡା. ଫକୀର ଚରଣ ନାୟକ ୮୩,୮୧୮ ଭୋଟ ପାଇଥିବାବେଳେ ବିଜୁ ଜନତା ଦଳର ପ୍ରାର୍ଥୀ ମାଧବ ସର୍ଦ୍ଦାର ୭୪୩୭୯ ଖଣ୍ଡ ଭୋଟ ପାଇ ଶ୍ରୀ ନାଏକଙ୍କ ଠାରୁ ୯୪୩୯ ଭୋଟ ବ୍ୟବଧାନରେ ହାରିଥିଲେ। ଅନ୍ୟମାନଙ୍କ ମଧରେ କଂଗ୍ରେସ ପ୍ରାର୍ଥୀ ନିର୍ମଳ ନାୟକ ୧୧୩୯୫ ଭୋଟ ପାଇଥିବାବେଳେ ଜଗନ୍ନାଥ ମାଝୀ ୨୯୫୧ ଖଣ୍ଡ, ଘନଶ୍ୟାମ ବାରୀ ୪୯୭୭ ଖଣ୍ଡ, ପ୍ରମୋଦ ଜୁଆଙ୍ଗ ୬୨୯୬ଖଣ୍ଡ, ଅଜୟ କୁମାର ନାୟକ ୨୦୨୬ ଖଣ୍ଡ ଭୋଟ ପାଇଥିଲେ। ଏଥିସହିତ ୬୮୭୪ ଖଣ୍ଡ ଭୋଟ ନୋଟାକୁ ମିଳିଥିଲା। ଅନ୍ୟପକ୍ଷରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ପ୍ରାର୍ଥୀ ସନାତନ ମହାକୁଡ, ଘସିପୁରା ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ବିଜେଡି ନେତା ବଦ୍ରୀନାରାୟଣ ପାତ, ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ପ୍ରାର୍ଥୀ ଅଭିମନ୍ୟୁ ସେଠୀ ବିଜୟୀ ହୋଇଛନ୍ତି। ସେପଟେ କେନ୍ଦୁଝର ଲୋକସଭା ଆସନର କରଞ୍ଜିଆରେ ବିଜେପିର ପଦ୍ମଚରଣ ହାଇବ୍ରୁ ବିଜେଡିର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ହରାଇ ବିଜୟୀ ହୋଇଛନ୍ତି। ବିଜେପିର ବିଜୟ ପରେ ସାଂସଦ ଭାବେ ବିଜୟୀ ଅନନ୍ତ ନାୟକ, ସଦର ବିଧାୟକ ଭାବେ ବିଜୟ ଲାଭ କରିଥିବା ମୋହନ ଚରଣ ମାଝୀଙ୍କ ଲୋକେ ସହରରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ଭାଜପା କର୍ମୀମାନେ ଜିଲ୍ଲା କାର୍ଯ୍ୟାଳୟ ସମତ ସହରର ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ଖୁସୀ ମନାଇଛନ୍ତି।

## ମୁରଲୀଙ୍କୁ ମାତ ଦେଇ ସନାତନ ଜିତିଲେ ଚମ୍ପୁଆ ବାଜି

**ଚମ୍ପୁଆ,୪।୬(ସମିସ):** ବହୁ ଚର୍ଚ୍ଚିତ ଚମ୍ପୁଆ ନିର୍ବାଚନ ମଣ୍ଡଳରେ ବିଜେପିର ଡ. ମୁରଲୀ ମନହୋର ଶର୍ମାଙ୍କୁ ହରାଇ ବାଜି ଜିତିନେଇଛନ୍ତି ବିଜେଡିର ସନାତନ ମହାକୁଡ଼। ଭୋଟ ଗଣତିରେ ପ୍ରଥମ ରାଉଣ୍ଡ ଆରମ୍ଭ କରି ୧୯ ରାଉଣ୍ଡ ପର୍ଯ୍ୟନ୍ତ ସନାତନ ସବୁବେଳେ ଆଗୁଆ ରହିଥିଲେ। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୪ଟି ବୁଥ୍‌ରେ ୧ଲକ୍ଷ ୮୨ହଜାର ଭୋଟର ମତଦାନ କରିଥିଲେ। ଶତକଡା ୮୦ ପ୍ରତିଶତ ଭୋଟଦାନ ଚଳିତ ବର୍ଷ ହୋଇଥିଲା। ଏଥିରେ ବିଜେଡିର ସନାତନ ମହାକୁଡ଼ ୧୦୩,୧୨୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ମୁରଲୀ ମନହୋର ଶର୍ମା ୬୩,୧୨୬ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସର ଯଶୋବନ୍ଦ ନାରାୟଣ ସିଂ ଲାଗୁରୀ ୮୬୪୯ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ପିର ଜୟୀ ମୁଣ୍ଡା ୧୩୦୩, ସ୍ୱାଧୀନ କ୍ଷୀରୋଦ କୁମାର ଗିରି ୭୪୦, ସନ୍ତୋଷ ମହାପାତ୍ର ୬୭୮, ବାସମତି ମୁଣ୍ଡା ୬୦୮, ବେଣୁଧର ମହାନ୍ତ ୫୪୭, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ଅଙ୍କଜ କୁମାର ଜୟସ୍ୱାଲା ୫୪୨, ସ୍ୱାଧୀନ ଗୁରୁବକ୍ସ ସିଂ ଆହ୍ଲୁଆଲିଆ ୪୯୩, ମାନସ ଜନଶକ୍ତି ଦଳର ରଘୁନାଥ ନାଏକ ୩୮୮, ସ୍ୱାଧୀନ ଜାକ୍ରିସା କ୍ରିସପାଟା ୩୮୮, ଆଜସୁ ପାର୍ଟିର ସଞ୍ଜୟ କୁମାର ମହାନ୍ତ ୩୩୯, କଳିଙ୍ଗ ନେସନାଲ୍ ଫ୍ରଣ୍ଟର କ୍ଷୀତିଶ ଚନ୍ଦ୍ର ମହାନ୍ତ ୨୩୮, ଇଣ୍ଡିଆନ୍ ସିଟଇଜେନ୍ ପାର୍ଟିର ବସନ୍ତ କୁମାର ମହାନ୍ତି ୧୬୬ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ପଡିଛି ୧୩୪୩ ଖଣ୍ଡ ଭୋଟ।



ସନାତନ ବିଜୟ ଘୋଷଣା ପରେ ଚମ୍ପୁଆ, ଯୋଡା, ବଡବିଲ, ବାମେବାରୀ, ଭଦ୍ରାସାହି, ବିଲେଇପଦା, କାଳିମାଟି, ଦବୁନା, ପ୍ରଭୃତି ସ୍ଥାନରୁ ଶୁଭେଚ୍ଛା ଆସିବା ସହ ବହୁ ମାନ୍ୟଗଣ ବ୍ୟକ୍ତି, ସଙ୍ଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ଚମ୍ପୁଆ ନିର୍ବାଚନ ମଣ୍ଡଳିର ଭୋଟରମାନେ ମୋତେ ବିଜୟ କରିଥିବାରୁ ଭୋଟରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ପାଟଣାରେ ବିଜୟ ହେଲେ ଅଖିଳ ନାଏକ

**ତୁରୁମୁଙ୍ଗା, ୪।୬ (ସମିସ):** ଚଳିତ ନିର୍ବାଚନ ରେ ପାଟଣା ନିର୍ବାଚନ ମଣ୍ଡଳୀ ରେ ବିଜେପି ବିଜୟ ର ବାନା ଉଡାଇଛି। ପାଟଣା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ବିଜେଡିର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କୁ ୩୭,୯୮୯ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଅଖିଳ ମୋଟ ୯୭,୦୪୧ ଖଣ୍ଡ ଭୋଟ ପାଇ ପାଇଥିବା ବେଳେ ଜଗନ୍ନାଥ ନାଏକ ୫୯,୦୬୨ ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷୀକେଶ ନାଏକ ମାତ୍ର ୯,୮୭୧ ଖଣ୍ଡ ଭୋଟରେ ସୀମିତ ରହିଥିଲେ। ସେହିପରି ନିର୍ବାଚନ ମଣ୍ଡଳୀରେ ନୋଟାକୁ ମୋଟ ୨୩୫୩ ଖଣ୍ଡ ପଡ଼ିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ନାଏକ ୧୨୯୨ ଖଣ୍ଡ, କମ୍ୟୁନିଷ୍ଟ ଦଳର ବେଣୁଧର ସର୍ଦାର ୧୦୮୪, ସ୍ୱାଧୀନ ପ୍ରାର୍ଥୀ ଅନିରୁଦ୍ଧ ନାଏକ ୯୮୨, ଲୋକନାଥ ନାଏକ ୭୭୫, ଦୁର୍ଲ୍ଲଭ ନାଏକ ୭୩୪ ଖଣ୍ଡ, ଧନେଶ୍ୱର ମୁଣ୍ଡାରୀ ୪୯୬ ଖଣ୍ଡ, ଦଖୁ ମୁଣ୍ଡା ୪୬୯ ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ପାଟଣା ନିର୍ବାଚନ ମଣ୍ଡଳୀରେ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ମୋଟ ୧ ଲକ୍ଷ ୭୩ ହଜାର ୪୨୭ ଜଣ ମତଦାତା ୨୭୩ଟି ବୁଥ୍‌ରେ ତାଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। ଅଖିଳଙ୍କ ବିଜୟ ପରେ ବିଜେପି ଶିବିରରେ ଖୁସିର ଲହରୀ ଖେଳିଯାଇଛି। ଅଖିଳ ବିଜୟର ଶ୍ରେୟ ପାଟଣା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଦେବା ସହ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କୁ ଦେଇଛନ୍ତି। ଆଗକୁ ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକର ଜନ ସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ବିଜୟୀ ପ୍ରାର୍ଥୀ ଅଖିଳ ନାଏକ କହିଛନ୍ତି।



## ସୌମ୍ୟଙ୍କୁ ହରାଇ ବଦ୍ରି ଓ ଜୟଦେବଙ୍କୁ ହରାଇ ଅଭିମନ୍ୟୁ ବିଜୟୀ



**ଆନନ୍ଦପୁର/ହାଟଡିହୀ,୪।୬(ସମିସ):** କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଓ ଘସିପୁରାରେ ବିଜେଡି ବାଜିମାତ କରିଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ପୂର୍ବତନ ପିସିସି ସଭାପତି ତଥା କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନାଙ୍କୁ ୧୧,୯୬୬ ଭୋଟ ବ୍ୟବଧାନରେ ହରାଇ ବିଜେଡିର ଅଭିମନ୍ୟୁ ସେଠୀ ବିଜୟୀ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାର ଏହି ଦୁଇ ବିଧାନସଭା କ୍ଷେତ୍ର ବିଜେଡିର ଗଡ ଭାବେ ରହି ଆସିଥିବା ବେଳେ ଚଳିତଥର ମଧ ବିଜୁ ଜନତା ଦଳ ଏହି ଦୁଇ ଆସନକୁ ହାତେଇ ନେଇ ଦୁଇ ହେଭିୱେଟ ନେତାଙ୍କୁ ପରାସ୍ତ କରିଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରର ୨୯୧ ବୁଥ୍‌ରେ ୨ ଲକ୍ଷ ୩୩ ହଜାର ୨୦୩ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୮୩ ହଜାର ୦୨୩ ଜଣ ମତଦାନ କରିଥିଲେ। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳର ଅଭିମନ୍ୟୁ ସେଠୀ ୭୧,୬୫୧ ଓ କଂଗ୍ରେସର ଜୟଦେବ ଜେନା ୬୦,୬୮୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଆଲୋକ ସେଠୀ ୪୨, ୫୫୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ଜଣାଯାଇଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଝାନସୀରାଣୀ ୧୭୦୭, ବିଶ୍ୱନାଥ ଜେନା ୮୯୫, ଏସ୍‌ୟୁସିଆଇର ନୀଳକଣ୍ଠ ଜେନା ୯୬୩, ବିଏସ୍‌ପିର ଦେବେନ୍ଦ୍ର ଜେନା ୫୦୨ ଖଣ୍ଡ ଭୋଟ ପାଇଥିବା ବେଳେ ୧୬୦୫ ଜଣ କାହାରିକୁ ପସନ୍ଦ ନ କରି ନୋଟାରେ ଭୋଟ ଦେଇଛନ୍ତି। ବିଜୟ ପରେ ଅଭିମନ୍ୟୁ ମା' ମଙ୍ଗଳାଙ୍କ ନିକଟରେ ପୂଜା କରି ସମଗ୍ର ଆନନ୍ଦପୁରବାସୀଙ୍କ ପାଇଁ ଆଶିଷ ଭିକ୍ଷା କରିଛନ୍ତି। ଏହି ବିଜୟ ଉଲ୍ଲାସରେ ଅଭିମନ୍ୟୁଙ୍କ ସମର୍ଥକମାନେ ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଜି ସମଗ୍ର ଆନନ୍ଦପୁର ଅଞ୍ଚଳରେ ତାଙ୍କ ସମର୍ଥକମାନେ ବାଜା ବଜାଇ ବାଣ ଫୁଟାଇବା ସହ ପରସ୍ପର ମିଠାଖାଇ ଖୁସି ମନାଉଛନ୍ତି। ଅଭିମନ୍ୟୁଙ୍କ ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା ଓ ସାଧନା ସହ ଦଳର ମୁଖିଆ ନବୀନ ପଟ୍ଟନାୟକ, ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଓ ବଦ୍ରିନାରାୟଣ ପାତ୍ରଙ୍କ ଆଶୀର୍ବାଦ ଆଜି ଅଭିମନ୍ୟୁଙ୍କ ପାଇଁ ବିଜୟର ବରଦାନ ସାଜିଥିବା ବେଳେ ଅଭିମନ୍ୟୁ ସେମାନଙ୍କୁ ଅନେକ କୃତଜ୍ଞତା ଜଣାଇଛନ୍ତି।

### ଲଗାଦାର ଚତୁର୍ଥ ଥର ବଦ୍ରି ହେଲେ ବିଧାୟକ

**ଆନନ୍ଦପୁର/ରାମଚନ୍ଦ୍ରପୁର,୪।୬(ସମିସ):** ଭୋଟ୍ ଗଣତି ପରେ ବାହାରିଛି ଫଳ। ବିଜୟକୁ ନେଇ ଘସିପୁରା ବିଜେଡି ଶିବିରରେ ଉତ୍ସବର ମାହୋଲ୍। ଲଗାତାର ଭାବେ ୪ର୍ଥ ଥର ପାଇଁ ବିଜେଡି ଟିକଟ୍‌ରେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଛନ୍ତି ବଦ୍ରିନାରାୟଣ ପାତ୍ର। ଘସିପୁରା ବିଧାନସଭା କ୍ଷେତ୍ରରେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ୧୩,୮୧୧ ବ୍ୟବଧାନରେ ପରାସ୍ତ କରି ଭେଟେରାନ୍ ନେତା ବଦ୍ରିନାରାୟଣ ପାତ୍ର ବିଜୟୀ ହୋଇଛନ୍ତି। ଘସିପୁରା ବିଧାନସଭା କ୍ଷେତ୍ରର ୩୦୦ ବୁଥ୍‌ରେ ୨ ଲକ୍ଷ ୨୮ ହଜାର ୩୦୪ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୭ ହଜାର ୩୦୧ ଜଣ ମତଦାନ କରିଥିଲେ। ଏଥିରେ ବିଜୁ ଜନତା ଦଳର ବଦ୍ରିନାରାୟଣ ପାତ୍ର ୮୨,୫୧୬ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ୬୮,୭୦୫ ଖଣ୍ଡ, ବିଜେପିର ଶମ୍ଭୁନାଥ ରାଉତ ୨୩,୮୧୩, ସ୍ୱାଧୀନ ଦେବେନ୍ଦ୍ର ନାଥ ସ୍ୱାଇଁ ୨୮୯୭ ଓ କଂଗ୍ରେସର ସୁବ୍ରତ ଚକ୍ର ୨୮୦୭ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସ ଏଠାରେ ପଞ୍ଚମ ସ୍ଥାନରେ ରହିଛି। ସେହିପରି ନୋଟାରେ ୧୮୪୪ ଖଣ୍ଡ ଭୋଟ ପଡିଥିବା ବେଳେ ବିଏସ୍‌ପିର ବିଚିତ୍ର ପାତ୍ର ୧୭୩୮, ମାନସ ଲୋକଶକ୍ତି ଦଳର ଖଟୁଆ ଜୁଆଙ୍ଗ ୩୨୮, ଆଜସୁର ରତ୍ନାକର ମହାନ୍ତ ୨୭୭, କଳିଙ୍ଗ ନେସେନାଲ ଫ୍ରଣ୍ଟର ଜଗବନ୍ଧୁ ମହାନ୍ତ ୩୧୩, ଓଡିଶା ଜନତା ପାର୍ଟିର ପ୍ରଭାତ କୁମାର ଦାସ ୨୧୪, ସ୍ୱାଧୀନ ଜ୍ଞାନାଲୋକ ପଣ୍ଡା ୪୧୦, ନରେନ୍ଦ୍ର ନାଥ ନାୟକ ୬୩୧, ପ୍ରମିଳା ହାସଁଦା ୧୨୧୪ ଖଣ୍ଡ ଭୋଟ ପାଇଛନ୍ତି।



## ଶୃଙ୍ଖଳାର ସହିତ ଆନନ୍ଦପୁରରେ ଗଣତି ପ୍ରକ୍ରିୟା ଶେଷ

**ଆନନ୍ଦପୁର, ୪।୬(ସମିସ):** ଆଜି ଆନନ୍ଦପୁରରେ ଗଣତି ଶେଷ ହେବା ପରେ ନିର୍ବାଚନ ଫଳାଫଳକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ପୁଲିସ ପ୍ରଶାସନ ପକ୍ଷରୁ ହୋଇଥିବା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଆଜି ସକାଳ ୬ ଘଟିକା ଠାରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ନିୟୋଜିତ କରାଯାଇଥିବା ପୋଲିସ ବାହିନୀକୁ ୨୪ ଘଣ୍ଟିଆ ପହରା ଦେବାକୁ ପୁଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ରରେ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି। ଗଣତି କେନ୍ଦ୍ରକୁ ମୋବାଇଲ ଫୋନ ନିଷେଧ କରାଯାଇଥିବା ବେଳେ ୧୪୪ ଧାରାକୁ ବଳବତ୍ତର କରାଯାଇଥିବାରୁ ଆଜି ଗଣତି କେନ୍ଦ୍ର ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିବା ଜଣାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଓ ଗଣତିକେନ୍ଦ୍ରର ସୁରକ୍ଷା ବ୍ୟବସ୍ଥାକୁ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁ ଅନୁଧ୍ୟାନ କରିଥିବା ବେଳେ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଭୋଟଗଣତି କେନ୍ଦ୍ରରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଗଣତି ପରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଶୃଙ୍ଖଳା ବଜାୟ ରଖିବା ପାଇଁ ୩ କମ୍ପାନୀ ଓଏପିଏଫ ଯବାନ, ୩ ପ୍ଲାଟୁନ ଓଏସ୍‌ଏପି ଏବଂ ୩ ପ୍ଲାଟୁନ ଡିଷ୍ଟ୍ରିକ ଫୋର୍ସ ନିୟୋଜିତ କରାଯାଇଥିବା ବେଳେ ପୁଲିସ ବାହିନୀକୁ ପରିଚାଳନା କରିବା ପାଇଁ ୭୦ ଜଣ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଓ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଗଣତି ଶେଷ ଯାଏଁ ପୁଲିସ ବାହିନୀର କାର୍ଯ୍ୟକଳାପ ତଦାରଖ କରିଥିବା ବେଳେ ଗଣତି ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନ କରୁଥିବା ଜଣାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଏବଂ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ନିର୍ବାଚନ କାର୍ଯ୍ୟରେ ସହକାରୀ ଜିଲାପାଳ ସୁଶ୍ରୀ ବନଜା ପାତ୍ର, ଧୀରେନ ସିଂ, ତପନ ପ୍ରଧାନ, ଡେପୁଟି କଲେକ୍ଟର ଅଭିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲଙ୍କ ସମେତ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଭୋଟଗଣତି କାର୍ଯ୍ୟରେ ସହଯୋଗ କରିଥିଲେ।






## ଭାଲୁକୁମାରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଲକ୍ଷ୍ମଣ ହୁଡ଼ିରୁ ଉଦ୍ଧାର

**ଆନନ୍ଦପୁର, ୪।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ପଞ୍ଚାୟତର ଭାଲୁକୁମା ଗ୍ରାମରୁ ନିଖୋଜ ହୋଇଯାଇଥିବା ବଲ୍ଲଭ ସେଠୀଙ୍କ ମୃତଦେହକୁ ଘସିପୁରା ପୁଲିସ ଖାଲିଆମେଣ୍ଟା ନିକଟସ୍ଥ ଲକ୍ଷ୍ମଣ ହୁଡି ନିକଟରୁ ଉଦ୍ଧାର କରିଛି। ମିଳିଥିବା ସୂଚନାନୁଯାୟୀ, ଭାଲୁକୁମା ଗ୍ରାମର ବଲ୍ଲଭ ସବୁଦିନ ପରି ଗତ ମେ' ମାସ ୨୮ ତାରିଖ ଦିନ ମାର୍ଶାପାଳରୁ ଜଙ୍ଗଲକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନଫେରିବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତା ମିଳିନଥିଲା। ପ୍ରାୟ ଦୁଇ ତିନି ଦିନ ଧରି ଆତ୍ମୀୟସୋଜନ ଓ ଆଖପାଖ ଅଂଚଳରେ ଖୋଜାଖୋଜି କରି କୌଣସି ସୁରାଗ ନପାଇବାରୁ ଏନେଇ ଘସିପୁରା ଥାନାରେ ନିଜ ବୋହୂ ଶ୍ରୀମତୀ ବାସନ୍ତୀ ସେଠୀ ରିପୋର୍ଟ କରିଥିଲେ।



ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ଆଜି ଖାଲିଆମେଣ୍ଟା ନିକଟସ୍ଥ ଲକ୍ଷ୍ମଣ ହୁଡି ନିକଟରେ ଏକ ମୃତଦେହ ପଡିଥିବା ସୂଚନା ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ମୃତଦେହକୁ ପରିବାର ଲୋକଙ୍କ ଦ୍ୱାରା ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନା ପଠାଇଥିବା ଜଣାଯାଇଛି। ତେବେ ମୃତ ବଲ୍ଲଭ ମାର୍ଶାପାଳ ଜଙ୍ଗଲ ଓ ଲକ୍ଷ୍ମଣ ହୁଡିକୁ ଯାଇଥିବା ବେଳେ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ ପ୍ରକଟ ହୋଇଛି। ଏଣୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯାଇ ମୃତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ବୀରଭଦ୍ର ସେଠୀ ଓ ସମାଜସେବୀ ଉଦୟନାଥ ଗୁପ୍ତା ଦାବି ଜଣାଇଛନ୍ତି।



